ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :8**
**CLASS :3**
**SUBJECT : ODIA**
**CHAPTER NUMBER: 12**
**CHAPTER NAME :ଆମ ଗାଁ**
**SUBTOPIC : ଅଭ୍ୟାସ-୧ (ପଢଓ ଲେଖ) ଅଭ୍ୟାସ -୮ (ଖାଲି ଘର ପୂରଣ କର )**

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଶୈଳୀ ର ଅଭିବୃଦ୍ଧି କରାଇବା ।




# ଆମ ଗାଁ



ପାଠ - ୧୨

# ଆମ ଗାଆଁ



ଆମ ଗାଁର ନାମ ପୁଷ୍ପପୁର । ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ । ଅଳ୍ପଦୂରରେ ଟିକିନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି । ଗାଁମୁଣ୍ଡରେ ଶିବମନ୍ଦିର ଅଛି । ଗାଁର ଅଧାରୁ ଅଧିକ ଲୋକ ଚାଷ କାମ କରି ପେଟ ପୋଷନ୍ତି । କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି । ନିଜ ପରିବାର ଚଳିବାପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥା'ନ୍ତି । ଏହାଫଳରେ ଅନ୍ୟ ଲୋକମାନେ ସେ ସବୁ ସୁବିଧାରେ ପାଇପାରନ୍ତି ।



ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି । ସେମାନଙ୍କୁ କାଠ ମିସ୍ତ୍ରୀ କୁହାଯାଏ । ଯାହାର ଯେଉଁ ଜିନିଷ ଦରକାର ସେ ତା'ର ଉଚିତ ଦାମ୍ ଦେଇ ସେମାନଙ୍କଠାରୁ କିଣିଥା'ନ୍ତି ।

48CH7N

ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ । ଲୋକମାନେ ପରସ୍ପର ମିଳିମିଶି ମନପୂର୍ତ୍ତିରେ ପର୍ବପର୍ବାଣି ପାଳିଥା'ନ୍ତି । ଗାଁର ପରିବେଶକୁ ସବୁଜ ସତେଜ ରଖିବାପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି । ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସତ୍ ପରିଶ୍ରମ କେବେ ହେଲେ ନିଷ୍ଫଳ ହୁଏ ନାହିଁ ।



ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ରଖାଯାଇଛି ।



ଗାଁର ଅଳ୍ପ କିଛି ଲୋକ ମାଟିରେ ହାଣ୍ଡି, ମାଠିଆ, ସରା ଗଢ଼ନ୍ତି ।






ଆଉ କେତେକ ଲୋକ ଲୁହାକାମ କରି ପେଟ ପୋଷନ୍ତି । ସେମାନେ ଦାଆ, କଟୁରି, ପନିକି, ପିଠାଖଡ଼ିକା, କୋଡ଼ି, କୋଦାଳ ଆଦି ତିଆରି କରନ୍ତି ।

PATHAGARA PORTAL.in
By OdiaPortal.in

କେତେକ ଲୋକ ଗ୍ରାମବାସୀମାନଙ୍କର ମଇଳା ଲୁଗା ଓ ପୋଷାକ ସଫା କରନ୍ତି । ସେଗୁଡ଼ିକ ସାବୁନ ଓ ଲୁଗାସଫା ପାଉଡର୍‌ରେ ସଫାକରନ୍ତି ଓ ଇସ୍ତ୍ରୀକରି ପାରିଶ୍ରମିକ ନିଅନ୍ତି ।





ଗାଁର କିଛି ଲୋକ ନଈ, ନାଳ, ପୋଖରୀରୁ ମାଛଧରି ପେଟପୋଷନ୍ତି। କେତେକଲୋକ ଗାଈ, ମଇଁଷି ପାଳନ କରନ୍ତି। ସେମାନେ କ୍ଷୀର ବିକ୍ରିକରି ଜୀବିକାନିର୍ବାହ କରନ୍ତି।

ଆମ ଗାଁର ବାଚସ୍ପତି ମହାରଣା ଜଣେ ମୂର୍ତ୍ତିକାରିଗର। ସେ ପଥରରେ ସୁନ୍ଦରସୁନ୍ଦର ମୂର୍ତ୍ତି ତିଆରି କରନ୍ତି। ତାଙ୍କ ହାତର ସ୍ପର୍ଶ ପାଇ ପଥରର ମୂର୍ତ୍ତି ଜୀବନ୍ତ ହୋଇଉଠେ।



ଗାଁର ଲୋକମାନେ ଭିନ୍ନଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ। ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ। କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ। ସମସ୍ତେ ମିଳିମିଶି ଚଳନ୍ତି। ଏକାଠି ମିଶି ନିଷ୍ପତ୍ତି ନିଅନ୍ତି।

# ଅଭ୍ୟାସ -୧ -ଉଚ୍ଚାରଣ କରି ପଢ ଓ ତା ପାଖରେ ଲେଖ |

ODM EDUCATIONAL GROUP

ସ୍ପଷ୍ଟ-______ ସ୍ଫୁଲିଙ୍ଗ-______

ପୁଷ୍ପ-______ ସ୍ପର୍ଶକ-______

ଗଳ୍ପ-______ ଅଳ୍ପାୟୁ-______

ସ୍ପ୍ରିଙ୍ଗ-______ କାଳ୍ପନିକ-______


ସ୍ପର୍ଦ୍ଧା-______ କାସ୍ପିଆନ-______

ସ୍ଫୂର୍ତ୍ତି-______ କଳ୍ପତରୁ-______

ନିଷ୍ଫଳ-______ ସ୍ପର୍ଶେନ୍ଦ୍ରିୟ-______

ନିଷ୍ପକ୍ଷ-______ ପୁଷ୍ପାଞ୍ଜଳି-______

ଆସ୍ପର୍ଦ୍ଧା-______ ଆସ୍ଫାଳନ-______



# ଅଭ୍ୟାସ-୮ ଧନ୍ଦାଗୁଡ଼ିକୁ ପଢ଼ ଓ ଖାଲିଘରେ କାମର ନାମ ଲେଖ

- ଚକଟାମାଟି      ଚକରେ  ଥୋଇ
  ହାଣ୍ଡିମାଠିଆ  ଗଢ଼ି ଦିଅଇ |

**କୁମ୍ଭାର-ହାଣ୍ଡି,ମାଠିଆ ଗଢ଼ିବା**

ନୂଆକନା  କାଟୁଛି      ଚିରାଫଟା   ଯୋଡୁଛି
ନୂଆ ନୂଆ ପୋଷାକ ଯେତେ ,ଆମ  ପାଇଁ କରୁଛି

**ଦରଜି-କପଡ଼ା ସିଲାଇ କରିବା**

ଧନ୍ଦାଗୁଡିକୁ ପଢ |ଖାଲିଘରେ କାମର ନାମ ଲେଖ |

ODM EDUCATIONAL GROUP
Changing your Tomorrow

ବୁଲାଇ ତନ୍ତ କରି ମହନ୍ତ
କପଡା ଥାନ ବୁଣେ
ଅଳ୍ପମୂଲ୍ୟରେ ଯୋଗାଇ ଦେଇ
ସଭିଙ୍କ ମନ କିଣେ |

ବୁଣାକାର\ତନ୍ତି- ଲୁଗା ବୁଣିବା

# ପଠନର ମୂଲ୍ୟାଙ୍କନ

ODM EDUCATIONAL GROUP
Changing your Tomorrow



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

ODM EDUCATIONAL GROUP
Changing your Tomorrow

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା- ୧

ଏହି ସ୍ତର ଦେଇ ପିଲା ମାନଙ୍କର ପଢିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

ODM EDUCATIONAL GROUP

୧ –କିଏ ହାଣ୍ଡି ମାଠିଆ ଗଢେ ?

୨–ଲୁହା କାରିଗର କଣ କଣ ତିଆରି କରେ?

୩ –କ୍ଷୀର ରୁ କଣ କଣ ତିଆରି କରାଯାଏ ?

୪ –ଗୋପାଳକ କିପରି ଭାବରେ ଜୀବିକା ନିର୍ବାହ କରନ୍ତି ?

୫ –ବାଚସ୍ପତି ମହାରଣା କିଏ ?

୬ – ବାଚସ୍ପତି ମହାରଣା କେଉଁଥିରେ କଣ ତିଆରି କରନ୍ତି ?

୭ – ଗାଁ ର ଲୋକମାନେ କିପରି ଚଳନ୍ତି ?

ODM EDUCATIONAL GROUP

# ଗୃହକର୍ମ

## ଅଭ୍ୟାସ -୨ ଯୁକ୍ତାକ୍ଷର ଶବ୍ଦବାଛି ଖାତାରେ ଲେଖ |



## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟିବ |

ODM EDUCATIONAL GROUP



# THANKING YOU

# ODM EDUCATIONAL GROUP